2nd Sem

II-UG-C_1-Maj-ODI-III

2025

Full Marks - 100

Time - 3 hours

The figures in the right-hand margin indicate marks

Answer ***all*** questions

Part-I

୧. ନିମ୍ନୋକ୍ତ ଗୁଡ଼ିକର ଉତ୍ତର ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ପ୍ରଦାନ କର : ୧ × ୧୦

କ) ସିଷ୍ଣୁବେଦରେ ସମୁଦାୟ ଶ୍ଲୋକ ସଂଖ୍ୟା କେତେ ?

ଖ) ସହଜତତ୍ତ୍ୱ ଚର୍ଯ୍ୟାଟି କେଉଁ ସିଦ୍ଧାଚାର୍ଯ୍ୟଙ୍କ ଦ୍ୱାରା ରଚିତ ?

ଗ) କେଉଁ ସିଦ୍ଧାଚାର୍ଯ୍ୟଙ୍କ ଅନ୍ୟନାମ ରାହୁଳଭଦ୍ର ?

ଘ) କେଉଁ ସିଦ୍ଧାଚାର୍ଯ୍ୟ ରାଉତୁ ସଂଜ୍ଞା ପାଇଥିଲେ ?

ଙ) ଲକ୍ଷ୍ମୀନାରାୟଣ ବଚନିକାରେ କାହାକାହା ମଧ୍ୟରେ କଥୋପକଥନ ହୋଇଛି ?

ଚ) ସାରଳା ଦାସଙ୍କ ପ୍ରଥମ ସାହିତ୍ୟ କୃତିର ନାମ ଲେଖ ।

ଛ) 'ହେତୁ ଉଦୟ ଭାଗବତ'ର ରଚୟିତା କିଏ ?

ଜ) 'ପ୍ରେମ ଭକ୍ତି ବ୍ରହ୍ମଗୀତା'ର ସ୍ରଷ୍ଟାଙ୍କ ନାମ ଲେଖ ।

ଝ) 'ଭାଗବତ' କେଉଁ ବୃତ୍ତରେ ରଚିତ ?

ଞ) 'ଶୂନ୍ୟସଂହିତା'ର ସ୍ରଷ୍ଟାଙ୍କ ନାମ ଲେଖ ।

Part-II

୨. ନିମ୍ନୋକ୍ତ ଗୁଡ଼ିକର ଉତ୍ତର ପ୍ରତ୍ୟେକ ୫୦ ଶବ୍ଦ ମଧ୍ୟରେ ପ୍ରଦାନ କର : ୨ × ୯

କ) ''ଧମଣଚମଣ'' କହିଲେ କ'ଣ ବୁଝ ?

ଖ) ''ଶିବ ସ୍ୱରୋଦୟ'' ଓ ''ଧାନଚୋରି'' ଗ୍ରନ୍ଥର ଲେଖକ କିଏ ?

ଗ) ''ଉଞ୍ଚା ଉଞ୍ଚା ପାବତ''ର ଅର୍ଥ ଲେଖ ।

ଘ) ''ଉଦକ ଚାନ୍ଦ ଜିମ ସାଚ ନା ମିଛା''ର ଅର୍ଥ ଲେଖ ।

ଙ) ସାରଳା ଦାସଙ୍କ ଚାରୋଟି ସାହିତ୍ୟ କୃତିର ନାମ ଲେଖ ।

ଚ) ଅମରକୋଷ ଗୀତା କାହାକାହା କଥୋପକଥନରେ ରଚିତ ?

ଛ) ମତ୍ସ୍ୟେନ୍ଦ୍ର ଗୀତାର ଆବିଷ୍କର୍ତ୍ତା କିଏ ? ଏହାର କାଳ ସଂପର୍କରେ କ'ଣ କୁହାଯାଇଥାଏ ?

ଜ) 'ଭାଗବତ'ରେ ସ୍କନ୍ଧ ସଂଖ୍ୟା କେତେ ? କିଏ କିଏ କେଉଁ ସ୍କନ୍ଧ ରଚନା କରିଛନ୍ତି ?

ଝ) ରୁକ୍ମିଣୀ ମାଳିକା ଓ ଅମେୟ କୁଣ୍ଡଳୀର ସ୍ରଷ୍ଟାଙ୍କ ନାମ ଲେଖ ।

Part-III

୩. ନିମ୍ନୋକ୍ତ ଯେ କୌଣସି ଆଠଟିର ଉତ୍ତର ପ୍ରତ୍ୟେକ ୨୫୦ ଶବ୍ଦ ମଧ୍ୟରେ ପ୍ରଦାନ କର : ୫ × ୮

କ) କାୟାତରୁ ଚର୍ଯ୍ୟାରେ ''ପଞ୍ଚବିଡାଳ''ର ତାତ୍ପର୍ଯ୍ୟ ବୁଝାଅ ।

ଖ) ଅର୍ଥକୋଇଲି ସଂପର୍କରେ ଆଲୋଚନା କର ।

ଗ) 'ଶୂନ୍ୟ ସଂହିତା'ର ବିଷୟବସ୍ତୁ ବିଚାର କର ।

ଘ) ପଞ୍ଚସଖା ସାହିତ୍ୟର ବୈଶିଷ୍ଟ୍ୟ ଲେଖ ।

ଙ) 'ବେଢ଼ା ପରିକ୍ରମା' ସଂପର୍କରେ ଆଲୋଚନା କର ।

ଚ) 'ବଟ ଅବକାଶ'ର ବିଷୟବସ୍ତୁ ସଂକ୍ଷେପରେ ଉଲ୍ଲେଖ କର ।

ଛ) 'ଲକ୍ଷ୍ମୀ ପୁରାଣ'ରେ ବୈପ୍ଳବିକ ସ୍ୱର କିପରି ରହିଛି ?

ଜ) 'ଚଣ୍ଡୀପୁରାଣ'ର ବିଶେଷତ୍ୱ ଲେଖ ।

ଝ) ବିଲଙ୍କା ରାମାୟଣରେ ସାରଳାଙ୍କ ମୌଳିକତା ପ୍ରତିପାଦନ କର ।

ଞ) ଶିଶୁବେଦ ବା ସିମୁମୁନା ବେଦର ବକ୍ତବ୍ୟ ସ୍ପଷ୍ଟ କର ।

Part-IV

୪. ନିମ୍ନୋକ୍ତ ଯେ କୌଣସି ଚାରୋଟିର ଉତ୍ତର ପ୍ରତ୍ୟେକ ୮୦୦ ଶବ୍ଦ ମଧ୍ୟରେ ପ୍ରଦାନ କର : ୮ × ୪

କ) ସାରଳା ସାହିତ୍ୟର ସାମାଜିକ ମୂଲ୍ୟ ନିରୂପଣ କର ।

ଖ) ଚର୍ଯ୍ୟାଗୀତିକାର ସାହିତ୍ୟିକ ମୂଲ୍ୟ ନିରୂପଣ କର ।

ଗ) ବଳରାମ ଦାସଙ୍କ ସାହିତ୍ୟରେ ଉତ୍କଳୀୟତା କିପରି ପ୍ରାଣବିନ୍ଦୁ –ପ୍ରମାଣ କର ।

ଘ) ଅଚ୍ୟୁତାନନ୍ଦଙ୍କ ସାହିତ୍ୟ କୃତିର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କର ।

ଙ) ଯଶୋବନ୍ତ ଦାସଙ୍କ ସାହିତ୍ୟ କୃତିର ପରିଚୟ ପ୍ରଦାନ ପୂର୍ବକ ତାଙ୍କର ସ୍ୱାତନ୍ତ୍ର୍ୟ ନିରୂପଣ କର ।